# Akashvani, Sambalpur

# SAMBALPURI NEWS BULLETIN

## 20 July 2025- 6.47- 6.52 am.

**********************************************

ସଂସଦ୍ ମୌସୁମୀ ଅଧିବେଶନ୍-ସର୍ବଦଳୀୟ ବୈଠକ୍ ଏନ୍ଏସ୍ଡି

ସଂସଦ୍‌ର ମୌସୁମୀ ଅଧିବେଶନ୍ ଆଏବା କାଏଲ୍‌ଠାନୁ ମୁଳ୍ ହେବା । ଇତାକେ ନେଇକରି ଆଏଜ୍ ସର୍‌କାର୍‌ଙ୍କର୍ ତର୍‌ଫୁ ସର୍ବଦଳୀୟ ବୈଠକ୍ ଡକାଯାଇଛେ । ଆଏବା ଅଧିବେଶନ୍‌କେ ସୁରୁଖୁରୁଥି ପରିଚାଳନା କର୍‌ବାର୍ ଦିଗେ ସହଯୋଗ୍ କର୍‌ବାର୍ ଲାଗି ବୈଠକ୍‌ଥି ସର୍‌କାର୍‌ଙ୍କର୍ ତର୍‌ଫୁ ସବୁ ରାଜନୈତିକ୍ ଦଲ୍‌କେ ଅନୁରୋଧ୍ କରାଯିବା । ଅଗଷ୍ଟ ୨୧ ତାରିଖ୍‌ତକ୍ ହେବାର୍‌କେ ଥିବା ମୌସୁମୀ ଅଧିବେଶନ୍‌ଥି ବହୁତ୍‌ଟେ ଗୁରୁତ୍ୱପୂର୍ଣ୍ଣ ବିଧେୟକ୍ ଉପ୍‌ରେ ଆଲୋଚନା ହେବାର୍ ସମ୍ଭାବନା ରହିଛେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ବନ୍ଦ I&PR

ଭୁବ୍‌ନେଶ୍ୱର୍ ଠାନେ ଆଏବା କାଏଲ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ

ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୭ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୪ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ୍ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ନିଜର୍ ମତାମତ୍ ଆଏବା ୨୭ ତାରିଖ୍ ଭିତ୍‌ରେ ଦେଇପାର୍‌ବେ ।

ଜାତୀୟ ମାନବାଧିକାର କମିଶନ୍ ଶୁଣାଣି/ଆର୍‌ଏନ୍‌ୟୁ/ ସମ୍ବଲପୁର

ଜାତୀୟ ମାନବାଧିକାର୍ ଆୟୋଗ୍ ଆଏବା କାଏଲ୍ ନୁ ଦୁଇଦିନିଆ ମାନବାଧିକାର୍ ଉଲ୍ଲଂଘନ୍ ବାବଦ ମାମ୍‌ଲା ମାନ୍‌କର୍ ଶୁଣାଣି କର୍‌ବେ । ଇଥିର୍‌ଲାଗି ଭୁବ୍‌ନେଶ୍ୱର୍ ଶିବିର ଆୟୋଜନ୍ କରାଯାଉଛେ । ଜାତୀୟ ମାନବାଧିକାର୍ ଆୟୋଗ୍ ଅଧ୍ୟକ୍ଷ ନ୍ୟାୟାମୂର୍ତି/ ଜଷ୍ଟିସ୍ ଭି. ରାମ୍ ସୁବ୍ରମଣ୍ୟମ୍ ଆଉ ଅଲ୍‌ଗା ସଦସ୍ୟମାନେ ରାଜ୍ୟ ଅତିଥି ଭବନ୍ ନ ସଖାଲର୍ ୧୦ ବଜେନୁ ମାମ୍‌ଲା ମାନ୍‌କର୍ ଶୁଣାଣି କର୍‌ବେ ।

ରେଲ୍, ଜଲ୍‌ଶକ୍ତି ରାଷ୍ଟ୍ରମନ୍ତ୍ରୀ ଭି. ସୋମନ୍ନା/ଆର୍‌ଏନ୍‌ୟୁ ସମ୍ବଲପୁର

ରେଲ୍ ଆଉ ଜଲ୍‌ଶକ୍ତି ରାଷ୍ଟ୍ରମନ୍ତ୍ରୀ ଭି. ସୋମନ୍ନା ଗଲାକାଏଲ୍ ଭୁବ୍‌ନେଶ୍ୱର୍ ରେଲ୍‌ଷ୍ଟେସନ୍ ନ ଅମୃତ୍ ଭାରତ୍ ଷ୍ଟେସନ୍ ଯୋଜ୍‌ନା ଅଧୀନ୍‌ଥି ଚାଲିଥିବା ପୁନର୍ବିକାଶ୍ କାମ୍‌ର ନିରୀକ୍ଷଣ୍ କରିଛନ୍ । ଅମୃତ୍ ଭାରତ୍ ଷ୍ଟେସନ୍ ଯୋଜ୍‌ନା ଅଧୀନ୍‌ଥି ଭୁବ୍‌ନେଶ୍ୱର୍ ରେଲ୍‌ଷ୍ଟେସନ୍‌ର କାମ୍ ବହୁତ୍ ଭଲ୍ ହିସାବେ ଆଗ୍‌କେ ବଢୁଛେ ବଲି ରାଷ୍ଟ୍ରମନ୍ତ୍ରୀ କହିଛନ୍ । ଇ ଅବ୍‌ସରେ ପୂର୍ବତଟ ରେଲ୍‌ପଥ୍‌ର ମହାପ୍ରବନ୍ଧକ୍ ପରମେଶ୍ୱର୍ ଫୁଙ୍କ୍‌ୱାଲ୍ ଆଉ ଅଲ୍‌ଗା ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଇ.ଏସ୍.ଆଇ. ଉଷୋ ବିଶେଷଜ୍ଞ କର୍ମଶାଳା/ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଭୁବ୍‌ନେଶ୍ୱର୍ ରାଜ୍ୟ ଶ୍ରମ ସଂସ୍ଥାନ୍ ସମ୍ମିଲନୀ କକ୍ଷ ନ କର୍ମଚାରୀ  ରାଜ୍ୟ ବୀମା ଇ.ଏସ୍.ଆଇ. ଉଷୋ ବିଶେଷଜ୍ଞମାନ୍‌କର୍ ୨ ଦିନିଆ କର୍ମଶାଳା ଉଦ୍‌ଯାପିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗାନୁ ଯୋଗ୍ ଦେଇଥିବା ୨୫ ଝନ୍ ପ୍ରଶିକ୍ଷାର୍ଥୀଙ୍କୁ ସ୍ୱାସ୍ଥ୍ୟ ବାବଦ୍ ଭିନ୍ ଭିନ୍ ବିଷେ ଉପ୍‌ରେ ତାଲିମ୍ ଦିଆଯାଇଥିଲା ।

ବାଇସ୍କୋପ୍ ଗ୍ଲୋବାଲ୍ ଫିଲ୍ମ ଫେଷ୍ଟିଭାଲ      I&PR

କଟକ୍ ନେସ୍‌ନାଲ୍ ଲ’ ବିଶ୍ୱବିଦ୍ୟାଳୟ ପରିସର୍ ନ ବାଇସ୍କୋପ୍ ଗ୍ଲୋବାଲ୍ ଫିଲ୍ମ ଫେଷ୍ଟିଭାଲ୍- ୨୦୨୫ ଆଏବା ୨୪, ୨୫ ଆର୍ ୨୬ ତାରିଖ ଦିନ ହେବା । ଇ ଉତ୍ସବ୍‌ର ମୁଖ୍ୟ ବିଷୟବସ୍ତୁ ରହିଛେ ସିନ୍‌ମା ଆଇନ୍ ଆଉ ନାରୀ ସଶକ୍ତିକରଣ୍ । ଇ ସବୁକେ ଚଳଚ୍ଚିତ୍ର ଜରିଏ ଉପସ୍ଥାପନ୍ କରାଯିବା । କଟକ୍ ନ ହେବାର୍‌କେ ଥିବା ଇ ଉତ୍ସବ୍‌ଥି ଦେଶ୍ ଆଉ ଦେଶ୍ ବାହାରୁ ଆସିଥିବା ଶହେ ନୁ ଅଏତ୍‌କା ସମ୍ପାଦିତ୍ ଚଳଚ୍ଚିତ୍ର ପ୍ରଦର୍ଶିତ୍ ହେବା ।

ଓଟିଇଟି ପରୀକ୍ଷା ବାତିଲ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ମାଧ୍ୟମିକ୍ ଶିକ୍ଷା ପରିଷଦ୍ ପରିଚାଳିତ୍ ଇନ୍ ସର୍ଭିସ୍ ଶିକ୍ଷକ୍ ମାନ୍‌କର୍ ଆଏଜ୍ ହେବାର୍‌କେ ଥିବା ଓଟିଇଟି ପରୀକ୍ଷାକେ ବୋର୍ଡ଼ ତର୍‌ଫୁ ବାତିଲ୍

କରାଯାଇଛେ । ପରୀକ୍ଷା ବାତିଲ୍ କର୍‌ବାର୍ ସହେତେ ଆଏବା ପରୀକ୍ଷା ତାରିଖ୍ ବାବ୍‌ଦେ ବୋର୍ଡ଼ ତର୍‌ଫୁ ବିଜ୍ଞପ୍ତି ବାହାର୍‌ବା ବଲି ସୂଚ୍‌ନା ଦିଆଯାଇଛେ ।

ଆର୍ଥିକ୍ ସାକ୍ଷରତା ଶିବିର ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ସମ୍ମିଲନୀ କକ୍ଷ ନ ଆର୍ଥିକ୍ ସାକ୍ଷରତା ଆଉ ଆର୍ଥିକ୍ ଅନ୍ତର୍ଭୁକ୍ତିକରଣ ଶିବିର୍ ହେଇଯାଇଛେ । ଶିବିର୍‌ଥି ଜିଲ୍ଲାର୍ ସମାଜ୍ ମଙ୍ଗଲ ଅଧିକାରୀ ଯୋଗ୍ ଦେଇକରି ଡାକଘର୍ ଆଉ ଭିନ୍ ଭିନ୍ ବେଙ୍କ୍ ଭିତ୍‌ରେ ହେଉଥିବା ସ୍ୱଳ୍ପ ସଂଚୟ ଯୋଜ୍‌ନା, ଆର୍ଥିକ୍ ସାକ୍ଷରତା ଆଉ ଆର୍ଥିକ୍ ଅନ୍ତର୍ଭୁକ୍ତିକରଣ୍ ଉପ୍‌ରେ ଆଲୋଚନା କରିଥିଲେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ବୀମା ଯୋଜ୍‌ନା, ଜନ୍‌ଧନ୍ ଏକାଉଂଟ୍, ସାଇବର୍ ଠକେଇ ଆଉ ଚିଟ୍‌ଫଣ୍ଡ୍ ବାଗିର୍ ଭିନ୍ ଭିନ୍ ପ୍ରସଙ୍ଗ ବାବ୍‌ଦେ ସଚେତନ୍ କରାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ବଙ୍ଗୋପ୍‌ସାଗର୍ ନ ଆଏବା ୨୨ ନୁ ୨୪ ତାରିଖ୍ ଭିତ୍‌ରେ ଆଉ ଗୁଟେ ଘୂର୍ଣ୍ଣିବଳୟ ହେବାର୍ ସମ୍ଭାବନା ଅଛେ ବଲି ଭୁବ୍‌ନେଶ୍ୱର୍

ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସୂଚ୍ନା ଦିଆଯାଇଛେ । ୨୩ ତାରିଖ୍ ଭିତ୍ରେ ଇଟା ଲଘୁଚାପ୍ଥି ବଦ୍ଲିବା । ଇତାର୍ ପ୍ରଭାବ୍ଥି ପଶ୍ଚିମ ଓଡ଼ିଶା ସହେତେ ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ଘଡ଼୍ଘଡ଼ି ସହେତେ ଅତି ଜବର୍ ବର୍ଷା  ହେବାର୍ ସମ୍ଭାବନା ରହିଛେ ।